**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**23 May – 2024**

# ତୃତୀୟ ପର୍ଯ୍ୟାୟ ମତଦାନ

ଦେଶରେ ଷଷ୍ଠ ପର୍ଯ୍ୟାୟ ଏବଂ ରାଜ୍ୟର ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ଆଜି ଅପରାହ୍ନରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏହି ପର୍ଯ୍ୟାୟରେ ଆସନ୍ତା ୨୫ ତାରିଖ ଶନିବାର ଦିନ ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର, ସମ୍ବଲପୁର ଏବଂ ଢେଙ୍କାନାଳ ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ । ସେହିଭଳି ଦେଶର ଷଷ୍ଠ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଓଡ଼ିଶା ସମେତ ବିହାର, ହରିଆଣା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ଦିଲ୍ଲୀର ୫୮ଟି ଲୋକସଭା ଆସନ ପାଇଁ ଭୋଟ ନିଆଯିବ ।

# ପୁନଃ ମତଦାନ-କଣ୍ଟାମାଳ

କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ କଣ୍ଟାମାଳ ବିଧାନସଭାର ଦୁଇଟି ବୁଥରେ ଆଜି ସକାଳୁ ପୁନଃ ମତଦାନ ଆରମ୍ଭ ହୋଇଛି । କଣ୍ଟାମାଳର ୨୬ନମ୍ବର ବୁଥ ଏବଂ ୨୮ନମ୍ବର ବୁଥରେ ଭୋଟରମାନେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ କରିପାରିବେ । ଅନ୍ୟପକ୍ଷରେ ଗତ ୨୦ ତାରିଖରେ କଣ୍ଟାମାଳରେ ହୋଇଥିବା ନିର୍ବାଚନୀ ବିଶୃଙ୍ଖଳାରେ ଏହି ଦୁଇ ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କ ସମେତ ୧୨ ଜଣ ପୁଲିଂ କର୍ମଚାରୀଙ୍କ ବିରୁଦ୍ଧରେ

ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନିଆଯାଇଛି ।

## ପ୍ରଧାନମନ୍ତ୍ରୀ-ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲସିଂ ତୋମାର କହିଛନ୍ତି ।

ସେହିପରି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆସନ୍ତା ରବିବାର ଦିନ ବାରିପଦା, ଚାନ୍ଦବାଲି, ପୁରୀ ଓ ନିମାପଡାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଷ୍ଟାର ପ୍ରଚାରକ

ରାଜ୍ୟରେ ବାକିଥିବା ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ଷ୍ଟାର୍ ପ୍ରଚାରକମାନେ ସେମାନଙ୍କର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ଲାଗି ପ୍ରଚାର କରୁଛନ୍ତି । ଏହି କ୍ରମରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି କରଞ୍ଜିଆ, ଧାମନଗର, ଅସୁରାଳି, ବଡ଼ଚଣା ଏବଂ ଏରସମାରେ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଚିଲିକା ନିର୍ବାଚନ ମଣ୍ଡଳୀର ବାଣପୁରରେ ନିର୍ବାଚନୀ ସଭା କରିବେ । ସେହିଭଳି

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପୂର୍ବାହ୍ନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହିତ ଦେବଗଡ଼ଠାରେ ଏକ ରୋଡ୍‌ଶୋ'ରେ ଭାଗ ନେବେ ।

## ରାହୁଲ ଗାନ୍ଧୀ-ଖଡଗେଙ୍କ ଓଡ଼ିଶା ଗସ୍ତ

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆସନ୍ତା ୨୬ ତାରିଖରୁ ୨୮ ତାରିଖ ମଧ୍ୟରେ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର, ଭଦ୍ରକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଅନ୍ୟପକ୍ଷରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଏବଂ ଥିରୁଅନନ୍ତପୁରମ୍ ସାଂସଦ ଶଶି ଥରୁର୍ ମଧ୍ୟ ଓଡ଼ିଶା ଗସ୍ତରେ ଆସି ପ୍ରଚାର କାର୍ଯ୍ୟରେ ଭାଗ ନେବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

## ମାଟ୍ରିକ୍ / ଯୁକ୍ତ ଦୁଇ ପରୀକ୍ଷା ଫଳ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପରୀକ୍ଷା ଫଳ  ଆସନ୍ତା ରବିବାର ଦିନ ପ୍ରକାଶ ପାଇବ ବୋଲି ସି.ଏଚ୍.ଏସ୍.ଇ ପକ୍ଷରୁ ସୂଚନା ମିଳିଛି ।

ସେହିଦିନ ମଧ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ମାଟ୍ରିକ୍ ପରୀକ୍ଷା, ସଂସ୍କୃତ ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କଟକ ବୋର୍ଡ ଅଫିସ୍ ପକ୍ଷରୁ ସୂଚନା ମିଳିଛି । ଫଳ ପ୍ରକାଶ ପାଇବା ସହିତ ଅନ୍‌ଲାଇନ୍‌ରେ ଛାତ୍ରଛାତ୍ରୀମାନେ ସେମାନଙ୍କର ସାର୍ଟିଫିକେଟ୍ ପାଇପାରିବେ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି ।

# ବୁଦ୍ଧ ଜୟନ୍ତୀ

ସତ୍ୟ ଏବଂ ଅହିଂସାର ପଥ ପ୍ରଦର୍ଶକ ଭଗବାନ ବୁଦ୍ଧଙ୍କର ଜୟନ୍ତୀ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି । ଭଗବାନ ବୁଦ୍ଧଙ୍କର ଅଷ୍ଟମାର୍ଗ ଲୋକଙ୍କୁ ଦୟା ଓ ଅହିଂସାର ବାଟ ଦେଖାଉଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି । ସେହିପରି ଆଜି ସନ୍ଥକବି ଭୀମଭୋଇଙ୍କର ଜୟନ୍ତୀ। ଏହି ଅବସରରେ ରେଢ଼ାଖୋଲଠାରେ ତାଙ୍କର ପୈତୃକ ଗ୍ରାମ ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ତାଙ୍କର ସ୍ମୃତିଚାରଣ କରାଯାଉଛି ।

# କଇଁଛ ଦିବସ

କଇଁଛମାନଙ୍କର ସୁରକ୍ଷା ଦିଗରେ ଲୋକମାନଙ୍କ ମଧ୍ୟରେ ସଚେତନ କରାଇବା ଲାଗି ୨୦୦୦ ମସିହାରୁ ଆଜିର ଦିନକୁ ବିଶ୍ୱ କଇଁଛ ଦିବସ ଭାବେ ପାଳନ କରାଯାଉଛି । ଏକ ଗଣନାରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରାୟ ୩୦୦ ପ୍ରଜାତିର କଇଁଛ  ମଧ୍ୟରୁ ବର୍ତ୍ତମାନ ପ୍ରାୟ ୧୨୯ଟି ପ୍ରଜାତି କଇଁଛ ବିଲୁପ୍ତ ହୋଇସାରିଲେଣି । ପ୍ରାକୃତିକ ଦୁର୍ବିପାକ, ପ୍ରଦୂଷଣ ଏବଂ ମନୁଷ୍ୟକୃତ କାରଣରୁ କଇଁଛଙ୍କ ସଂଖ୍ୟା କମିବା ସହିତ ଏହି ପ୍ରଜାତି ଧୀରେ ଧୀରେ ଲୋପ୍ ପାଇଯାଉଛନ୍ତି ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ରମଶଃ ଅବପାତର ରୂପ ନେଉଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।  ସୂଚନା ଅନୁସାରେ

ଆସନ୍ତାକାଲି ଉତ୍ତର-ପୂର୍ବ ଦିଗରେ ଲଘୁଚାପ ଗତ କରି ଅବପାତରେ ବଦଳିବ ଏବଂ ଶନିବାର ସୁଦ୍ଧା ଅଧିକ ଘନୀଭୂତ ହୋଇ ପୂର୍ବ ବଙ୍ଗୋପସାଗର ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ନିକଟରେ ପହଞ୍ଚିବ । ଏହାର ପ୍ରଭାବରେ ଶନିବାର ଦିନ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ।